## ସଂକ୍ଷେପରେ

### ବ୍ରହ୍ମପୁର ମହାନଗର ନିଗମ
## ଅବସର କର୍ମଚାରୀ ସଂଘର ନୂଆ କର୍ମକର୍ତ୍ତା

**ବ୍ରହ୍ମପୁର ଅଫିସ,୧୭।୮:** ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଅବସରପ୍ରାପ୍ତ କର୍ମଚାରୀ ସଂଘ ସାଧାରଣ ବୈଠକ ସଭାପତି ମନୋହର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆସନ୍ତା ୩ ବର୍ଷ ପାଇଁ ସଂଘର ନୂଆ କର୍ମକର୍ତ୍ତା ଚୟନ କରାଯାଇଥିଲା। ମନୋହର ପାତ୍ରଙ୍କୁ ପୁନର୍ବାର ସଭାପତି କରାଯାଇଛି । ଚିନାରି ଶ୍ୟାମମୂର୍ତ୍ତି କାର୍ଯ୍ୟକାରୀ ସଭାପତି ଓ ମୁକୁନ୍ଦ ମହାପାତ୍ର ଉପସଭାପତି ହୋଇଛନ୍ତି । ଲକ୍ଷ୍ମୀ ଚରଣ ମାହାନ୍ତି ସାଧାରଣ ସମ୍ପାଦକ ହୋଇଥିବା ବେଳେ ଲକ୍ଷ୍ମୀ ଚରଣ ଦାସ ଯୁଗ୍ମ ସମ୍ପାଦକ ଓ ବାଳକୃଷ୍ଣ ବେହେରା କୋଷାଧ୍ୟକ୍ଷ ହୋଇଛନ୍ତି। ରାମହରି ସାହୁଙ୍କୁ ସମୀକ୍ଷକ କରାଯାଇଛି।

ସଂଘର ୫ ଉପଦେଷ୍ଟାଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ପଣ୍ଡା, ସୁଧୀର କୁମାର ମହାପାତ୍ର, ନାରାୟଣ ସାମନ୍ତରା, ଦେବେନ୍ଦ୍ର ଘଡ଼ାଇ ଓ ରଜନୀକାନ୍ତ ପଟ୍ଟନାୟକ ଅଛନ୍ତି। ଆଇନ ପରାମର୍ଶଦାତା ଭାବେ ଜିତେନ୍ଦ୍ର କୁମାର ପଟ୍ଟନାୟକ ମନୋନୀତ ହୋଇଛନ୍ତି । ସେହିପରି ପ୍ରଫୁଲ୍ଲ ଚନ୍ଦ୍ର ଚୌଧୁରୀ, ରବୀନ୍ଦ୍ର ନାଥ ମଣ୍ଡଳ, କାମିନୀ ମାଧୋଇ, ପ୍ରସନ୍ନ ହାତୀ, ଶିବ ପ୍ରସାଦ ମିଶ୍ର, ସୀମାଞ୍ଚଳ ବେହେରା, ରମେଶ ଚନ୍ଦ୍ର ପଣ୍ଡା ଓ ଜିନି ହାତୀଙ୍କୁ ନେଇ କାର୍ଯ୍ୟକାରୀ କମିଟି ଗଠନ ହୋଇଛି ।

## ସ୍କୋପ୍ ସ୍କଲାରଶିପ୍ ପୁରସ୍କାର ପାଇବେ ଡା. କୋଟା



**ବ୍ରହ୍ମପୁର ଅଫିସ,୧୭।୮:** ଲଣ୍ଡନସ୍ଥିତ ମେଦବହୁଳତା ମହାସଂଘ ଦ୍ୱାରା ମେକ୍ସିକୋରେ ଆୟୋଜିତ ହେବାକୁ ଥିବା ସ୍କୋପ୍ ସମ୍ମିଳନୀରେ ପୁରସ୍କୃତ ହେବେ ବ୍ରହ୍ମପୁରର ବିଶିଷ୍ଟ ମଧୁମେହ ବିଶେଷଜ୍ଞ ଡା. ସୁନୀଲ କୋଟା । ଡା. କୋଟାଙ୍କ ଦ୍ୱାରା ଲିଖିତ ମେଦବହୁଳତା ସମ୍ବନ୍ଧୀୟ ୧୦ଟି ବୈଜ୍ଞାନିକ ପ୍ରକାଶନ ଓ ୨ ଟି ଅଧ୍ୟାୟ ଲେଖନ ଆଧାରରେ ସେ ମହାସଂଘ ପକ୍ଷରୁ ସମ୍ମାନାସ୍ପଦ ସ୍କୋପ ସ୍କଲାରଶିପ୍ ପୁରସ୍କାର ଲାଭ କରିବାକୁ ମନୋନୀତ ହୋଇଛନ୍ତି। ସେପ୍ଟେମ୍ବର ୨୬ରେ ମେକ୍ସିକୋରେ ଆୟୋଜିତ ସ୍କୋପ୍ ସମ୍ମିଳନୀରେ ୨୫ ଜଣଙ୍କୁ ସ୍କୋପ ସ୍କଲାରଶିପ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ରହିଛି । ସେଥିରୁ ଭାରତର ଏକମାତ୍ର ଡାକ୍ତର ଭାବେ ଡା. କୋଟା ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ଆତଙ୍କରାଜ, ଯୁବତୀଙ୍କୁ ହତ୍ୟା ଉଦ୍ୟମ ଘଟଣା
# ଖଣ୍ଡି ଗ୍ୟାଙ୍ଗର ମୁଖ୍ୟ ସମେତ ୬ ଗଲେ ଜେଲ

**ବ୍ରହ୍ମପୁର ଅଫିସ,୧୭।୮**

ବ୍ରହ୍ମପୁର ବଡବଜାର ଥାନା ଲକ୍ଷ୍ମୀନୃସିଂହ ସାହିରେ ୬ ଜଣ ଦୁର୍ବୃତ୍ତ ଆତଙ୍କ ଚଳାଇବା ସହ ବାଲବଚା ଗ୍ୟାଙ୍ଗର ମୁଖ୍ୟ ଲବ ସେଠାଁକୁ ନ ପାଇ ତାଙ୍କ ଭଉଣୀ କାମିନୀଙ୍କୁ ଖଣ୍ଡାରେ ହାଣି ଗୁରୁତର କରିଥିଲେ। ଏହି ଘଟଣାରେ ପୋଲିସ ଖଣ୍ଡି ଗ୍ୟାଙ୍ଗର ମୁଖ୍ୟ ନାରାୟଣ ବେହେରା ଓରଫ ଖଣ୍ଡି, ନୀଳାଚଳ ବେହେରା ଓରଫ କାଳିଆ, ଲକି ପାଢ଼ୀ, କାଳିଆ ଡାକୁଆ, ରାମ ପଣ୍ଡା ଓ ଶମ୍ଭୁ ମହାରଣାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ଘଟଣା ପରେ ଅଭିଯୁକ୍ତମାନେ ଲୁଚାଇ ରଖିଥିବା ୨ଟି ଖଣ୍ଡା ଜବତ କରାଯାଇଥିବା ସେ କହିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି। ପ୍ରକାଶ ଯେ, ୨୦୧୭ରେ ଲବ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀର ଖଣ୍ଡି ଓ ତାଙ୍କ ସହଯୋଗୀଙ୍କୁ ଆକ୍ରମଣ କରିଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ନାରାୟଣ ସୁଯୋଗ ଖୋଜୁଥିଲେ। ଗତ ୧୫ ତାରିଖ ରାତିରେ ଲବ ଦାଣ୍ଡରେ ଠିଆ ହୋଇଥିବା ବେଳେ ଖଣ୍ଡି ଗୋଷ୍ଠୀର ୬ଜଣ ୨ଟି ବାଇକ୍‌ରେ ସେଠାରେ ପହଞ୍ଚିଥିଲେ। ଦୁର୍ବୃତ୍ତମାନେ ଖଣ୍ଡା ଧରି ଲବଙ୍କୁ ହାଣିବା ପାଇଁ ଗୋଡ଼ାଇ ଥିଲେ। ହେଲେ ସେଠାରେ ଥିବା ତାଙ୍କ ଭଉଣୀ କାମିନୀ ଭାଇଙ୍କୁ ଘର ଭିତରକୁ ଯିବାକୁ କହି ଦୁର୍ବୃତ୍ତଙ୍କୁ ଅଟକାଇଥିଲେ। ଲବ ଖସି ପଳାଇବାରୁ ଅଭିଯୁକ୍ତମାନେ ରାଗରେ କାମିନୀଙ୍କୁ ଖଣ୍ଡାରେ ହାଣି ଦେଇଥିଲେ। ପୋଲିସ ଗୁରୁତର ଅବସ୍ଥାରେ କାମିନୀଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ପରେ ଲବଙ୍କ ଅଭିଯୋଗ କ୍ରମେ ନଂ.୧୩୩/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## କାନାରା ବ୍ୟାଙ୍କର ଆଞ୍ଚଳିକସ୍ତରୀୟ କର୍ମଶାଳା




କର୍ମଶାଳାରେ ଉପସ୍ଥିତ ଡେପୁଟି ଜେନେରାଲ ମ୍ୟାନେଜର ଓ ଅନ୍ୟମାନେ ।

**ବ୍ରହ୍ମପୁର ଅଫିସ,୧୭।୮**

ବ୍ୟାଙ୍କିଙ୍ଗ ଅର୍ଥନୀତିକୁ ତ୍ୱରାନ୍ୱିତ କରିବା ଓ ବିଭିନ୍ନ ପ୍ରକାର ଋଣ ପରିମାଣକୁ ବଢାଇବାକୁ ନେଇ ବ୍ରହ୍ମପୁର କାନାରା ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ କର୍ମଶାଳା ଶନିବାର ଆୟୋଜିତ ହୋଇଯାଇଛି । ଏଥିରେ ଭୁବନେଶ୍ୱର ସର୍କଲ ଅଫିସର ଡେପୁଟି ଜେନେରାଲ ମ୍ୟାନେଜର ଯୋଗୀନ୍ଦର ସିଂହ ଘାନଗାସ ଯୋଗଦେଇ ବ୍ୟାଙ୍କିଙ୍ଗ ସେବାଗୁଡିକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । କେନ୍ଦ୍ର ଅର୍ଥ ବିଭାଗ ନିର୍ଦ୍ଦେଶକ୍ରମେ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ସଂସ୍କାର ଆଣିବା ଓ ଆର୍ଥନୀତିକୁ ସୁଦୃଢ଼ କରିବାକୁ ନେଇ ପ୍ରଥମ ଥର ପାଇଁ ଏଭଳି କର୍ମଶାଳା ଆୟୋଜିତ କରାଯାଇଥିବା ସୂଚନା ଦିଆଯାଇଥିଲା। ବିଶେଷ କରି କୃଷି, ଶିକ୍ଷା ଭଳି ବିଭିନ୍ନ କ୍ଷେତ୍ର ପାଇଁ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଋଣ ପରିମାଣ ବୃଦ୍ଧି କରିବା, ଡିଜିଟାଲ ସେବାକୁ ତ୍ୱରାନ୍ୱିତ କରିବା ଦିଗରେ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା । ଦୁଇଦିନ ଧରି ଚାଲିବାକୁ ଥିବା ଏହି କର୍ମଶାଳାରେ ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟ ଅନ୍ତର୍ଗତ ୧୦ ଜିଲାର ୪୪ ଶାଖାର ଶାଖା ପ୍ରବନ୍ଧକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସର୍କଲ ଅଫିସର ଡିଭିଜନାଲ ମ୍ୟାନେଜର ନିକୁଞ୍ଜ ବିହାରୀ ବେହେରା, ବ୍ରହ୍ମପୁର ଆଞ୍ଚଳିକ ଶାଖା ସହକାରୀ ମହାପ୍ରବନ୍ଧକ ନିରାକାର ବେହେରା, ଡିଭିଜନାଲ ମ୍ୟାନେଜର ପି.କେ. ହୋତା ଓ ପି.କେ. ଜେନା ପ୍ରମୁଖ ମଞ୍ଚାସୀନ ଥିଲେ ।

## ନିଖୋଜ ଯୁବକଙ୍କ ମୃତଦେହ ପୋଖରୀରୁ ଉଦ୍ଧାର

**ବ୍ରହ୍ମପୁର ଅଫିସ,୧୭।୮**

ବ୍ରହ୍ମପୁର ଗେଟବଜାର ନିକଟ ପାୟଲ ସିନେମା ହଲ ସମ୍ମୁଖରେ ଥିବା ଏକ ପୋଖରୀରୁ ଜଣେ ନିଖୋଜ ଯୁବକଙ୍କ ମୃତଦେହ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ପରେ ବୈଦ୍ୟନାଥପୁର ପୋଲିସକୁ ମୃତଦେହ ହସ୍ତାନ୍ତର କରାଯାଇଛି। ଯୁବକ ଜଣକ ଗେଟ୍‌ବଜାର ଗୋଲାପଲ୍ଲୀ ସାହିର ସୁଶାନ୍ତ ନାଇକ(୩୨)। ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଥିବା କହିଛି।

ପ୍ରକାଶ ଯେ, ସୁଶାନ୍ତ ୨ଦିନ ତଳୁ ନିଖୋଜ ଥିଲେ। ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପୋଖରୀରେ ଭାସୁଥିବା ସେଠାକୁ ଗାଧୋଇବାକୁ ଯାଇଥିବା ଲୋକମାନେ ଦେଖିବାକୁ ପାଇଥିଲେ। ଅଗ୍ନିଶମ ବିଭାଗ ଓ ପୋଲିସ ସେଠାରେ ପହଞ୍ଚିଥିଲେ। ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର ହେବା ପରେ ନିଖୋଜ ଥିବା ସୁଶାନ୍ତଙ୍କୁ ପରିବାର ଲୋକେ ଚିହ୍ନଟ କରିଥିଲେ। ୨୪ ଘଣ୍ଟା ପୂର୍ବରୁ ସୁଶାନ୍ତ ପୋଖରୀରେ ବୁଡି ମୃତ୍ୟୁ ଘଟିଥିବା ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ସୂଚନା ଦେଇଛନ୍ତି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

### ୧୮।୮।୨୦୧୯ (ରବିବାର)
- ସ୍ୱାସ୍ଥ୍ୟ ସୁପର ଭାଇଜର ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।
- ତୃତୀୟ ଓ ପଞ୍ଚମଶ୍ରେଣୀ ବୃତ୍ତି ପରୀକ୍ଷା। ସ୍ଥାନ- ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ, ସମୟ- ପୂର୍ବାହ୍ନ ୧୦ଟା।
- ଦିବ୍ୟଜୀବନ ସଂଘର ଏକଦିବସୀୟ ସାଧନା ଶିବିର। ସ୍ଥାନ- ଭେଟନଈ, ସମୟ- ସକାଳ ୫ ଟା।
- ପଟେଲ ସାହିତ୍ୟ ସଂସଦ ଓ ଶିଶୁ ସାହିତ୍ୟ ସଂସଦର ଆସର। ସ୍ଥାନ-ହିଲପାଟଣା ଏସ୍‌ଏମ୍‌ଆଇଟି ସମ୍ମିଳନୀ କକ୍ଷ, ସମୟ- ଅପରାହ୍ନ ୩ଟା ୩୦ ମିନିଟ୍।
- ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ବୈଠକ। ସ୍ଥାନ-ଲାଞ୍ଜିପଲ୍ଲୀ ତାରାଦେବୀ ମନ୍ଦିର,ସମୟ- ମଧ୍ୟାହ୍ନ ୧୨ ଟା।
- ଗଞ୍ଜାମ ଜିଲା କାଠ କାରିଗର ସଂଘର ବାର୍ଷିକ ଉତ୍ସବ। ସ୍ଥାନ-ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ଭବନ,ସମୟ-ସକାଳ ୯ ଟା
- ଧାନମେରା ସାହି କୁଳ ପଞ୍ଚାୟତ କମିଟିର ସମ୍ବର୍ଦ୍ଧନା ସଭା। ସ୍ଥାନ-ଧାନମେରା ସାହି ଗାନ୍ଧୀମଣ୍ଡପ, ସମୟ-ସନ୍ଧ୍ୟା ୬ଟା।

### ୨୦।୮।୨୦୧୯ (ମଙ୍ଗଳବାର)
- ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ପ୍ରସ୍ତୁତି ସଭା। ସ୍ଥାନ- ଏନ୍‌ଏସି କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ- ଅପରାହ୍ନ ୩ଟା।
- ଶିଶୁ ଓ ପ୍ରସୂତିଙ୍କ ପାଇଁ ମମତା ଦିବସ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ-ପୂର୍ବାହ୍ନ ୯ଟା।
- ଆଶା କର୍ମୀଙ୍କ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ପାଇଁ ତାଲିମ ଶିବିର। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ-ପୂର୍ବାହ୍ନ ୧୧ଟା।
- ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଶିବିର। ସ୍ଥାନ- ବମକେଇ, ଭ୍ରମପୁର, ଗୋକର୍ଣ୍ଣପୁର ଗ୍ରାମ, ଦିଗପହଣ୍ଡି, ସମୟ-ସକାଳ ୯ଟା।
- ଜିଲାସ୍ତରୀୟ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ। ସ୍ଥାନ- ବି.ତୁରୁବୁଡ଼ି ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ-ପୂର୍ବାହ୍ନ ୧୧ଟା।
- ବ୍ଲକ ସ୍ତରୀୟ ସହଯୋଗ ତାଲିମ ଶିବିର। ସ୍ଥାନ- ବୁଗୁଡ଼ା ବାଳକ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା।

### ୨୧।୮।୨୦୧୯ (ବୁଧବାର)
- ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ-ସକାଳ ୯ଟା।
- କୀଟନାଶକ ଔଷଧ ପ୍ରୟୋଗ ସମ୍ପର୍କିତ ତାଲିମ ଶିବିର। ସ୍ଥାନ- ବୁଗୁଡ଼ା କୃଷି କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ୧୦ଟା।

### ୨୨।୮।୨୦୧୯ (ଗୁରୁବାର)
- ଅଣ ସଂକ୍ରାମକ ରୋଗର ପରୀକ୍ଷା ଓ ପରାମର୍ଶ ଶିବିର। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ଟି ଉପସ୍ୱାସ୍ଥ୍ୟ କେନ୍ଦ୍ର, ସମୟ- ସକାଳ ୯ଟା।
- ସେକ୍ଟର ସ୍ତରୀୟ ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟାବଳୀ ସମୀକ୍ଷା। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହ, ସମୟ-ପୂର୍ବାହ୍ନ ୧୧ଟା।
- ଭୋଟର ତାଲିକା ବିଶୁଦ୍ଧୀ କରଣ ତାଲିମ ଶିବିର। ସ୍ଥାନ- ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ-ପୂର୍ବାହ୍ନ ୧୧ଟା।
- ମୋ ନିବେଦନ କାର୍ଯ୍ୟକ୍ରମ। ସ୍ଥାନ- ସଙ୍କୁରୁ ଓ ମାଣିତରା ପଞ୍ଚାୟତ କାର୍ଯ୍ୟାଳୟ,ସମୟ- ପୂର୍ବାହ୍ନ ୧୦ଟା।

### ୨୩।୮।୨୦୧୯ (ଶୁକ୍ରବାର)
- ଜନ୍ମାଷ୍ଟମୀ ମହୋତ୍ସବ/ଶ୍ରୀକୃଷ୍ଣ ଜନ୍ମୋତ୍ସବ। ସ୍ଥାନ- ଶ୍ରୀକୃଷ୍ଣ ଚୈତନ୍ୟ ଆଶ୍ରମ, ଦିଗପହଣ୍ଡି, ସମୟ-ସନ୍ଧ୍ୟା ୫ଟା।।
- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ। ସ୍ଥାନ- ବୁଗୁଡ଼ା ଗୋପୀନାଥ ମନ୍ଦିର, ସମୟ- ସନ୍ଧ୍ୟା ୭ଟା।
- ଦିବ୍ୟଜୀବନ ସଂଘ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ। ସ୍ଥାନ- ଦିବ୍ୟଜୀବନ ସଂଘ, ଆସିକା ବସଷ୍ଟାଣ୍ଡ, ଗୋପାଳ ସମାଜ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ। ସ୍ଥାନ- ବାବନପୁର, ସମୟ-ପୂର୍ବାହ୍ନ ୧୦ଟା।

### ୨୪।୮।୨୦୧୯ (ଶନିବାର)
- ପଞ୍ଚାୟତ ସ୍ତରୀୟ ମୋ ନିବେଦନ କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ଟି ପଞ୍ଚାୟତ କାର୍ଯ୍ୟାଳୟ, ସମୟ-ସନ୍ଧ୍ୟା ୬ଟା।

### ଅପମୃତ୍ୟୁ ରୂପ ନେଲା ହତ୍ୟା ମାମଲା
## ହତ୍ୟାକାରୀ ସ୍ୱାମୀ ଗିରଫ

**ବ୍ରହ୍ମପୁର ଅଫିସ,୧୭।୮**

ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ନୂଆ ଖଜୁରିଆରୁ ପୋଲିସ ମଞ୍ଜୁଲତା ଦଳାଇ (୨୨)ଙ୍କ ମୃତଦେହ ଗତ ଗୁରୁବାର ଜବତ କରିଥିଲା । ନଂ.୧୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମହିଳାଙ୍କ ତଣ୍ଟି ଚିପି ହତ୍ୟା କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଉକ୍ତ ଅପମୃତ୍ୟୁ ମାମଲାକୁ ଏବେ ହତ୍ୟା ମାମଲାରେ ରୂପାନ୍ତରିତ କରାଯାଇଥିବା ଥାନାଧିକାରୀ ସୁମିତ ସୋରେନ କହିଛନ୍ତି। ହତ୍ୟାକରୀ ସ୍ୱାମୀ ମନୋଜ କୁମାର ଦଳାଇଙ୍କୁ ପୋଲିସ ମାମଲା ନଂ.୭୯/୧୯ରେ ଗିରଫ କରିଥିବା କହିଛି।

ପ୍ରକାଶ ଯେ, ଜରଡ଼ା ଅଞ୍ଚଳର ମଞ୍ଜୁଲତାଙ୍କୁ ମନୋଜ ୨୦୧୪ରେ ପ୍ରେମ ବିବାହ କରିଥିଲେ। ମନୋଜ ଗାଡି ଡ୍ରାଇଭର ଭାବେ କାମ କରୁଥିବା ବେଳେ ସ୍ତ୍ରୀ ମଞ୍ଜୁଲତାଙ୍କୁ ନେଇ ନୂଆଖଜୁରିଆରେ ଏକ ଭଡା ଘରେ ରହୁଥିଲେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିଭିନ୍ନ କାରଣକୁ ନେଇ ଝଗଡା ଲାଗି ରହୁଥିଲା। ମନୋଜ ବୁଧବାର ରାତିରେ ଘରେ ନ ଥିବା ବେଳେ ଗୁରୁବାର ଘରକୁ ଫେରିଥିଲେ ବୋଲି ପୋଲିସକୁ କହିଥିଲେ। ଏହି ସମୟରେ ସ୍ତ୍ରୀ ମଞ୍ଜୁଲତା ଏକ କୋଠରିରେ ପଡିଥିବା ଦେଖି ପୋଲିସକୁ ଖବର କରିଥିଲେ। ପୋଲିସ ଅନୁସନ୍ଧାନ ପରେ ମଞ୍ଜୁଲତାଙ୍କ ମୃତ୍ୟୁ ହୋଇ ସାରିଥିବା ଜାଣିବାକୁ ପାଇଥିଲା। ମଞ୍ଜୁଲତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ହେବାରୁ ପୋଲିସ ମନୋଜଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା। ଏଥିରେ ମନୋଜଙ୍କର ସମ୍ପୃକ୍ତି ଥିବା ଜଣାପଡିବା ପରେ ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ସୋରେନ କହିଛନ୍ତି।

## ଆକ୍ରମଣ, ଲୁଟ ଘଟଣା, ୩ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୭।୮**

ଏକ ଆକ୍ରମଣ ଓ ଲୁଟ ମାମଲାର ବିଚାର କରି ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଜ୍ଞା ପାରମିତା ରାଉଳ ୩ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଜରଡ଼ା ଥାନା ଖରିଆଗୁଡା ଗ୍ରାମର କେଶବ କୁଣ୍ଡୁ ଓରଫ କାଳିଆ, ନରସିଂହ କୁଣ୍ଡୁ ଓ ଭଗବାନ ସାହୁ। ୨୦୧୪ ଏପ୍ରିଲ ୨୨ରେ ଜରଡ଼ାର ରାମନାଥ ସାହୁଙ୍କୁ ଠେସା କାଳିଆ ଓ ତାଙ୍କ ୨ ସହଯୋଗୀ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ କରିବା ସହ ବାଇକ୍ ଲୁଟି ନେଇଥିଲେ। ପୋଲିସ ନଂ.୫୯/୧୪ରେ କାଳିଆ ଓ ତାଙ୍କର ୨ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶନିବାର ମାମଲାର ବିଚାର ବେଳେ ସିଜେଏମ୍ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

## ଟିକରପଡ଼ାରେ ଅଭିଭାବକ ସମ୍ମିଳନୀ

**ବ୍ରହ୍ମପୁର ଅଫିସ,୧୭।୮**

ବ୍ରହ୍ମପୁର ନିକଟ ଟିକରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଉନ୍ନୟନ ଓ ପରିଚାଳନା କମିଟି ସଭାପତି ଗାଣ୍ଡୁ ବିଶୋୟୀ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସମିତିସଭ୍ୟ ନିରଞ୍ଜନ ମହାନ୍ତି ଓ ସରପଞ୍ଚ ଉମା ଶଙ୍କର ସାମଲ ଯୋଗ ଦେଇଥିଲେ । ସିଆରସିସି ଦିଲୀପ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନଗୁଡ଼ିକର ବିକାଶ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଅଭିଭାବକମାନଙ୍କୁ ସଚେତନ କରାଇଥିଲେ। ସୁନିତାରାଣୀ ପାତ୍ରଙ୍କ ସମେତ ମୋ ସ୍କୁଲ ଅଭିଯାନର ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏମ୍. ଇନ୍ଦିରା ଦୋରା, ସୁରଚିତା ପାଢ଼ୀ, ମୋତିମାଳା ସାମଲ ଓ ସ୍ନେହପ୍ରଭା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ସରକାରୀ ପୋଷାକ ବିତରଣ କରାଯାଇଥିଲା।

## ପ୍ରତ୍ୟେକ ଚାରାରୋପଣ କରିବାକୁ ଆହ୍ୱାନ



ଯୁବମୋର୍ଚ୍ଚା କର୍ମକର୍ତ୍ତାମାନେ ଚାରାରୋପଣ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୧୭।୮**

ଭଜପା ଯୁବମୋର୍ଚ୍ଚା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ସିଦ୍ଧାନ୍ତ ଗଙ୍ଗଦେବଙ୍କ ନେତୃତ୍ୱରେ ଗଞ୍ଜାମ କଳା ପରିଷଦ କାର୍ଯ୍ୟକ୍ରମରେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏ ଚାରାରୋପଣ କରିବାକୁ ଆହ୍ୱାନ ଦିଆଯାଇଥିଲା । ଏଥିରେ ଭାଜପା ଜିଲା ସଭାପତି କାହ୍ନୁ ଚରଣ ପତି, ରାମ କୁମାର ପାତ୍ର, ସରୋଜ ସାବତଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇ ଚାରାରୋପଣ କରିଥିଲେ ।

# ୧୦୩ ପ୍ରକଳ୍ପ ପ୍ରଦର୍ଶିତ
### ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**ବ୍ରହ୍ମପୁର ଅଫିସ,୧୭।୮**

ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା-୨୦୧୯ ଶନିବାର ଅନୁଷ୍ଠିତ ହୋଇଯାଇଛି। ମେଳାକୁ ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ଡ. ହରିକୃଷ୍ଣ ନାୟକ ଉଦ୍‌ଘାଟନ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଜଟେଶ୍ୱର କର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତି କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ଜେନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ନେଇ ଆଲୋକପାତ କରିଥିଲେ । ବିଚାରକ ଭାବେ ପ୍ରସନ୍ନ ନାୟକ, ଭାଗୀରଥି ସ୍ୱାଇଁ, ଏ.ଏନ୍.ସାବତ, ଲିଙ୍ଗରାଜ ଜେନା, ଜି.କେ.ପଣ୍ଡା, ହର ମିଶ୍ର, କିରଣ ମିଶ୍ର, ଜ୍ୟୋତି ପଣ୍ଡା, ରଘୁନାଥ ଗୌଡ ଓ ବୁଲୁ ଡାକୁଆ ପ୍ରମୁଖ ଯୋଗ ଦେଇଥିଲେ । ମେଳାରେ ୧୦୩ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏଥିରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୦ ଜଣ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଥିଲେ । ଆସନ୍ତା ୨୫ ତାରିଖରେ ରାମହରି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରମାନେ ଯୋଗଦେବା ନେଇ ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାଳୟ ବିଜ୍ଞାନ ବିଭାଗର ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ପରିଚାଳନା କରିଥିଲେ । ବରିଷ୍ଠ ବିଜ୍ଞାନ ଆଚାର୍ଯ୍ୟ ଶାନ୍ତନୁ କୁମାର ବେହେରା ଧନ୍ୟବାଦ ଦେଇ ଥିଲେ ।



ବିଚାରକମାନେ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି ।

### ଲୋକାୟୁକ୍ତ ୨୦୧୪ ସଚେତନ କାର୍ଯ୍ୟକ୍ରମ
# ଲୋକଙ୍କ ପାଖରେ ପହଞ୍ଚିଲା ଲୋକାୟୁକ୍ତ

**ବ୍ରହ୍ମପୁର ଅଫିସ,୧୭।୮**

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲଏସ୍‌ଓ) ତରଫରୁ ହିଲପାଟଣାସ୍ଥିତ ସାଂସ୍କୃତିକ ଭବନରେ ଶନିବାର ଲୋକାୟୁକ୍ତ ଆଇନ-୨୦୧୪କୁ ନେଇ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ଲୋକାୟୁକ୍ତ ସଦସ୍ୟ (ବିଚାରପତି) ଜଷ୍ଟିସ୍ ବି.କେ. ନାୟକ, ମୁଖ୍ୟଅତିଥି ଭାବେ ଲୋକାୟୁକ୍ତ ଅଧ୍ୟକ୍ଷ ଜଷ୍ଟିସ୍ ଅଜିତ୍ ସିଂ, ସମ୍ମାନିତ ଅତିଥି ଲୋକାୟୁକ୍ତ ସଦସ୍ୟ ଡ. ଆର.ପି. ଶର୍ମା, ଗଞ୍ଜାମ ଜିଲା ଦୌରାଜଜ୍ ତଥା ଡିଏଲଏସ୍‌ଓ ଅଧ୍ୟକ୍ଷ ବିଭୁ ପ୍ରସାଦ ରାଉତରାୟ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଏସ୍‌ପି ପିନାକ୍ ମିଶ୍ର ଓ ଲୋକାୟୁକ୍ତ ସଚିବ ମାନସ ତ୍ରିପାଠୀ ମଞ୍ଚାସୀନ ଥିଲେ । ଜଷ୍ଟିସ୍ ସିଂ କହିଛନ୍ତି, ସମାଜରେ ଦୁର୍ନୀତି ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶେଷକରି ସରକାରୀ ଓ ପ୍ରଶାସନିକ କ୍ଷେତ୍ରରେ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ଜନସାଧାରଣ ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହିଲେ ସମାଜରୁ ଆପେ ଆପେ ଦୁର୍ନୀତି ହଟିଯିବ ବୋଲି ଜଷ୍ଟିସ୍ ନାୟକ କହିଛନ୍ତି । ସରକାରୀ କର୍ମଚାରୀ ଓ ଲୋକ ପ୍ରତିନିଧିଙ୍କ ବିରୋଧରେ ସାଧାରଣ ଲୋକ ଏବେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିପାରିବେ। ଏଥିପାଇଁ ଖୁବଶୀଘ୍ର ଅନଲାଇନ ୱେବସାଇଟ୍ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଥିଲେ।। ଡିଏଲଏସ୍‌ଓ ସଚିବ ବିଭୁ ପ୍ରସାଦ ରାଉତରାୟ ଅତିଥି ପରିଚୟ ଦେବା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପରେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟମାନେ ଏକ ସାମ୍ବାଦିକ ସମ୍ମିଳନୀରେ ଲୋକାୟୁକ୍ତର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏବେ ଲୋକାୟୁକ୍ତ ନିକଟରେ ନୂତନ ଭାବେ ୨୧୬ ଅଭିଯୋଗ ଦାଖଲ ହୋଇଛି। ସେଥିମଧ୍ୟରୁ ୧୯୦ ମାମଲାର ସମାଧାନ କରାଯାଇଛି । ଏଥିରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା, ସଚେତନ ନାଗରିକ ଅଂଶଗ୍ରହଣ କରିଥିଲେ ।




ମଞ୍ଚାସୀନ ଅତିଥିବୃନ୍ଦ।

